# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ତୋଫାନୀ ସମୁଦ୍ରକୁ ସୁସ୍ଥିର କଲେ




ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପଯୋଜକ: Ruth Klassen


କାହାଣି ୬୦ ରୁ ୪୮


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya



ଯୀଶୁ ଓ ତାଙ୍କର ଶିଶ୍ୟମାନେ ଏକ ନୌକାରେ ଥିଲେ ଯେତେବେଳେ ସେଠାରେ ପ୍ରବଳ ତୋଫାନ ହେଲା । ତୋଫାନରେ ଗଲୀଲି ସମୁଦ୍ର ମାରାତ୍ମକ ହୋଇଗଲା । ଏପ୍ରକାର ତୋଫାନ ଯୋଗୁଁ ଜାହାଜ ଭାଙ୍ଗିଯାଏ ଓ ଲୋକମାନେ ବୁଡ଼ିଯାନ୍ତି ।

1

ତୋପାନ ଯୋଗୁଁ ଶିଶ୍ୟମାନେ ଭୟ ପାଇଗଲେ । ତରଙ୍ଗରେ ନୌକାଟି ଆଚ୍ଛାଦିତ ହେବାକୁ ଲାଗିଲା, ମାତ୍ର ସେ ତକିଆ ଉପରେ ଶୟନ କରିଥିଲେ, ତୋଫାନ ସମୟରେ ଶୟନ କରିଥିଲେ ।



2

ଶିଶ୍ୟମାନେ ତାଙ୍କୁ ଉଠାଇ କହିଲେ, ହେ ଗୁରୁ, ହେ ଗୁରୁ, ରକ୍ଷା କରନ୍ତୁ, ଆମ୍ଭେ ମଲୁ ।



3

ଯୀଶୁ ସେମାନଙ୍କୁ କହିଲେ, ହେ ଅଳ୍ପବିଶ୍ୱାସିମାନେ, ତୁମ୍ଭେମାନେ କାହିଁକି ଏଡ଼େ ଭିରୁ? ସେ ଉଠି ପବନ ଓ ସମୁଦ୍ରକୁ ଧମକ ଦେଲେ, ଆଉ ସବୁ ଧିରସ୍ଥିର ହେଲା ।



4

ପବନ ଧିରସ୍ଥିର ହେଲା... ସମୁଦ୍ର ଶାନ୍ତ ଓ ସ୍ଥିର ହେଲା । ଶିଶ୍ୟମାନେ ଚମତ୍କୃତହୋଇ କହିଲେ, ଏ କିଏ? ଯେ ପବନ ଓ ସମୁଦ୍ର ଉଭୟ ଏହାଙ୍କ ଆଜ୍ଞା ମାନନ୍ତି ।



5

କେତେ ସମୟ ପରେ, ଯୀଶୁ ବହୁତ ବ୍ୟସ୍ଥ ହୋଇଗଲେ । କାରଣ ପାଞ୍ଚ ହଜାରରୁ ଅଧିକ ଲୋକ ତାଙ୍କ ପଛେ ପଛେ ମରୁଭୂମି ପର୍ଯ୍ୟନ୍ତ ପଳାଇଗଲେ ।



6

ପ୍ରଭୁଙ୍କ ଶକ୍ତିଦ୍ୱାରା, ଯୀଶୁ କେବଳ ଜଣେ ଛୋଟ ପିଲାର ମଧ୍ୟାହ୍ନ ଭୋଜନ ଦ୍ୱାରା ସେସମସ୍ତଙ୍କୁ ଭୋଜନ କରାଇଲେ । ସଂନ୍ଧ୍ୟା ହେବାରୁ ଯୀଶୁ ସେ ସମସ୍ତଙ୍କୁ ବିଦାୟ ଦେଲେ ।



7

ଏପରିକି ତାଙ୍କ ଶିଶ୍ୟମାନଙ୍କୁ ମଧ୍ୟ ଯିବାକୁ ପଡ଼ଲା । ଯୀଶୁ ସେମାନଙ୍କୁ ନୌକାରେ ଚଢ଼ି ନିଜ ଆଗରୁ ଗାଲୀଲି ପାର ହୋଇ ଆରପାରିକୁ ଯିବାକୁ କହିଲେ ।



8



ଯେତେବେଳେ
ସେ ସମସ୍ତଙ୍କୁ ବିଦାୟ
କଲେ, ଯୀଶୁ ନିଜେ ପର୍ବତ
ଉପରକୁ ପ୍ରାର୍ଥନା କରିବାକୁ
ଗଲେ । ସନ୍ଧ୍ୟାହେଲା
ପରେ ସେଠାରେ ସେ
ଏକାକୀ ଥିଲେ ।

9



କିନ୍ତୁ ନୌକା ସେତେବେଳେ କୂଳରୁ
ଅନେକ ଦୂରରେ ଥିଲା ଏବଂ
ପ୍ରତିକୁଳ ବାୟୁ ହେତୁ
ତାହା ଲହଡ଼ିରେ ଟଳମଳ
ହେଉଥିଲା । ବହୁ
ସମୟ ଚେଷ୍ଟାପରେ
ମଧ୍ୟ ସେମାନେ
ସେପାରିକୁ
ଯାଇପାରିଲେ
ନାହିଁ ।

10



ଶିଶ୍ୟମାନେ ଏ ବିଷୟରେ
କିଛି ଜାଣି ପାରିଲେ ନାହିଁ,
ସେମାନେ ବଡ଼ ଆଶ୍ଚର୍ଯ୍ୟ
ପାଇଁ ଯାଉଥିଲେ ।

11



କିନ୍ତୁ ରାତ୍ରିର ଚ଼ତୁର୍ଥ ପ୍ରହରରେ
ପ୍ରାୟ ସକାଳ ତିନୀଟାରୁ ଚ଼ାରିଟା
ମଧ୍ୟରେ, ବୟୁରେ ନୌକା
ଟଳମଳ ହେବା ସମୟରେ
ସମୁଦ୍ରରେ ଶିଶ୍ୟମାନେ କିଛି
ଦେଖିଲେ, ଯାହା ସେମାନଙ୍କୁ
ଭୟଭିତ କରିଦେଲା ।

12



ଏହା ଏକ ଭୁତ ସେମାନେ
ଚ଼ିତ୍କାର କଲେ । କିନ୍ତୁ ସେ ଯୀଶୁ
ଥିଲେ, ସେମାନଙ୍କର ପ୍ରଭୁ ଓ
ଗୁରୁ, ପାଣି ଉପରେ ଚ଼ାଲି
ସେମାନଙ୍କ ପାଖକୁ ଆସୁଥିଲେ ।

13

ଯୀଶୁ ସେମାନଙ୍କୁ କହିଲେ
ଉତ୍ତମରେ ଜୟଜୟକାର କର ।
ଏ ତ ମୁଁ ଭୟ କରନାହିଁ ।
ପିତର ତାଙ୍କୁ ଉତ୍ତର ଦେଲେ,
ହେ ପ୍ରଭୁ, ଯେବେ ଆପଣ
ତେବେ ଜଳ ଉପରେ ଆପଣଙ୍କ
ନିକଟକୁ ଯିବା ପାଇଁ ମୋତେ
ଆଜ୍ଞା କରନ୍ତୁ ।



14

ଯୀଶୁ କହିଲେ,
ଆସ । ପିତର
ନୌକାରୁ ଓହ୍ଲାଇ
ଜଳ ଉପରେ ଚାଲି
ଯୀଶୁଙ୍କ ନିକଟକୁ
ଗଲେ ।



15



କିନ୍ତୁ ସେ ପବନର
ଭୟାବହତା ଦେଖି ଭୟ
କଲେ, ଓ ବୁଡ଼ିବାକୁ
ଲାଗିଲେ । ସେ ଚିତ୍କାର କରି
ଯୀଶୁଙ୍କୁ ଡାକିଲେ, ହେ ପ୍ରଭୁ
ମୋତେ ରକ୍ଷା କରନ୍ତୁ ।

16

ସଂଙ୍ଗେ ସଂଙ୍ଗେ ଯୀଶୁ ହାତ ବଢ଼ାଇ ପିତରଙ୍କୁ ଧରିଲେ ।
ଯୀଶୁ ତାହାଙ୍କୁ କହିଲେ ହେ ଅଳ୍ପବିଶ୍ୱାସି, କାହିଁକି
ସଂଦେହ କଲ? ଯେତେବେଳେ ପିତର ଓ ଯୀଶୁ
ନୌକାରେ ଚଢ଼ନ୍ତେ, ପବନ ବନ୍ଦ ହେଲା ।



17

ସେଥିରେ ନୌକାରେ ଥିବା
ଲୋକମେନେ ତାହାଙ୍କୁ ପ୍ରଣାମ
କରି କହିଲେ, ଆପଣ ନିଶ୍ଚୟ
ଇଶ୍ୱରଙ୍କ ପୁତ୍ର ।



18

ଯୀଶୁ ତୋଫାନୀ ସମୁଦ୍ରକୁ ସୁସ୍ଥିର କଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୮, ମାଥିଉ ୧୪, ମାର୍କ ୪, ଲୂକ ୮

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**